E-News

Volume-18 (Issue-10), Bhubaneswar, District- Khordha, (Odisha)

pratibimba
Issue - 42 | August 2024 | Monthly E-News

SCOUT & GUIDE PATRIKA

ସ୍କାଉଟ୍/ଗାଇଡ୍ ପତ୍ରିକା

October-2026



Odisha State Bharat Scouts and Guides with Chief Patron
Dr. Braj Mohan Ram, Hon'ble Governor, Odisha
on the Foundation day at Lok Bhawan

THE ODISHA STATE BHARAT SCOUTS & GUIDES
Unit-3, Bhubaneswar, District-Khordha

pratibimba
Issue - 42 | August 2024 | Monthly E-News

ସୂଚୀପତ୍ର

- ରାଜ୍ୟ ମୁଖ୍ୟ କମିଶନରଙ୍କ କଲମରୁ
- ସଂପାଦକୀୟ
- ଜାତୀୟ କାର୍ଯ୍ୟକ୍ରମ
- ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ
- ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ
- Quiz



Gandhi & Shastri Jayanti



Say no to Plastic

ଦିଗ୍‌ଦର୍ଶକ : ଡଃ. କାଳି ପ୍ରସାଦ ମିଶ୍ର
ମୁଖ୍ୟ ସଂପାଦକ:ଶ୍ରୀ ଶରତ ଚନ୍ଦ୍ର ପାଇକରାୟ
ସଂପାଦନା : ଶ୍ରୀ ଭବାନୀ ପ୍ରସାଦ ମିଶ୍ର
ପ୍ରକାଶକ : ଶ୍ରୀ ମିହିର ରଂଜନ ପଟ୍ଟନାୟକ
ସହଯୋଗ : ରାଜ୍ୟ ମୁଖ୍ୟ କାର୍ଯ୍ୟାଳୟ
କର୍ମଚାରୀ ବୃନ୍ଦ

October-2026
Vol-18, Issue-10

Remember
You have your own life and if you want to be successful, if you want to be happy, it is you, who are to gain it for yourself.
-Baden Powell

pratibimba
Issue - 42 | August 2024 | Monthly E-News

ଜାତୀୟ କାର୍ଯ୍ୟକ୍ରମ (National Activities)

National Level Standard Judging Camp





ଜାତୀୟ ତାଲିମ କେନ୍ଦ୍ର ପଚମାଢ଼ୀ, ମଧ୍ୟପ୍ରଦେଶ ଠାରେ National Level Standard Judging Camp ତା୬.୧୦.୨୦୨୬ରୁ ତା୧୦.୧୦.୨୦୨୬ରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ପିଏମ୍‌ଶ୍ରୀ ଜନତା ସରକାରୀ ଉଚ୍ଚ ବିଦ୍ୟାଳୟ, ଜିରାଙ୍ଗ, କେନ୍ଦୁଝରର ସ୍କାଉଟ୍ ମାଷ୍ଟର ଶ୍ରୀ କିଶୋର ଚନ୍ଦ୍ର ପାଇକରାୟଙ୍କ ତତ୍ତ୍ୱାବଧାନରେ ରୋଭର କ୍ଷୀରୋଦ କିଶୋର ମହାକୁଡ଼, ଆଦିତ୍ୟ ମହନ୍ତ, ଗୋପାଳ କୃଷ୍ଣ ମହନ୍ତ, ତାପସ କୁମାର ସାହୁ, ରାଜେଶ ଆରୁକ, ସରୋଜ ପରିଡ଼ା, ଅଭିଜିତ ବେହେରା, ସୌମ୍ୟରଞ୍ଜନ ମହାକୁଡ଼ ସମୁଦାୟ ୯ଜଣ ଯୋଗ ଦେଇଥିଲେ। ଉକ୍ତ କ୍ୟାମ୍ପରେ ଦକ୍ଷତା, ଦଳଗତ କାର୍ଯ୍ୟ, ନେତୃତ୍ୱ ଏବଂ ସ୍କାଉଟିଂର ଚିନ୍ତାଧାରା ଉପରେ ତାଲିମ ପ୍ରଦାନ କରାଯାଇଥିଲା।





Youth Led Action on Climate Change (YLACC)

ଜାତୀୟ ତାଲିମ କେନ୍ଦ୍ର ପଚମାଢ଼ୀ ଠାରେ Youth Led Action on Climate Change (YLACC) Project ତା୨୨.୧୦.୨୦୨୬ରୁ ତା୨୬.୧୦.୨୦୨୬ରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ସାଂପ୍ରତିକ ଡିଜିଟାଲ୍ ଯୁଗର ମନୁଷ୍ୟ ନିଜର ଆବଶ୍ୟକତାକୁ ପୂରଣ କରିବା ପାଇଁ ଗଛ କାଟିବା, ଜଙ୍ଗଲ ନଷ୍ଟ କରିବା, ପାହାଡ଼ ପର୍ବତ ନଷ୍ଟ





କରିବା ପ୍ରଭୃତି ପ୍ରାକୃତିକ ବିଭବକୁ ଧ୍ୱଂସ କରିଚାଲିଛି । ଏହା ଦ୍ୱାରା ପ୍ରକୃତି ନଷ୍ଟ ହୋଇ ତା'ର ସନ୍ତୁଳନ ହରାଇ ବସିଛି । ଯଦ୍ୱାରା ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟ ଘଟି ଧନ, ଜୀବନ ନଷ୍ଟ ହେବାରେ ଲାଗିଛି । ସ୍କାଉଟିଂ ମାଧ୍ୟମରେ ଜନସଚେତନତା ସୃଷ୍ଟି କରାଇ ପ୍ରାକୃତିକ ସଂପଦ ସୁରକ୍ଷା କରିବା ଉଦ୍ଦେଶ୍ୟରେ ଉକ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସାମନ୍ତ ଚନ୍ଦ୍ରଶେଖର୍ ମହାବିଦ୍ୟାଳୟ ପୁରୀ, ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ ଖୋର୍ଦ୍ଧା, ସିଦ୍ଧଭୈରବୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଗଞ୍ଜାମର ରୋଭର, ରେଂଜର ସମେତ ଗଞ୍ଜାମ ଜିଲ୍ଲା ସିଦ୍ଧ ଭୈରବୀ ଉଚ୍ଚ ମାଧ୍ୟମିକ ସ୍କୁଲର ରେଂଜର ଲିଡ଼ର ଶ୍ରୀମତୀ ମୋନାଲିସା ଦାସ, କଳାହାଣ୍ଡି ଜିଲ୍ଲାର ସ୍କାଉଟ୍ ମାଷ୍ଟର ଶ୍ରୀ ଧୀରେନ୍ଦ୍ର କୁମାର ପଣ୍ଡା, ଶ୍ରୀ ପବିତ୍ର ମୋହନ ପାଶା, ଗାଇଡ୍ କ୍ୟାପଟେନ୍, ଡିଏଭି ପବ୍ଲିକ୍ ସ୍କୁଲ ବ୍ରହ୍ମପୁରର ସ୍ୱପ୍ନାରାଣୀ ପାଣିଗ୍ରାହୀ ଏବଂ ଓପିଏମ୍ ବାଳିକା ଉଚ୍ଚ ବିଦ୍ୟାଳୟ ଝାରସୁଗୁଡ଼ାର ଶ୍ରୀମତୀ ପ୍ରତିଭା ମହାପାତ୍ର ଯୋଗ ଦେଇଥିଲେ ।





pratibimba
Issue - 42 | August 2024 | Monthly E-News

ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ (State level Activities)

ଗାନ୍ଧୀ ଜୟନ୍ତୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳନ



ରାଜ୍ୟ ସ୍କାଉଟ୍ ଗାଇଡ୍ ସଂସ୍ଥା ତରଫରୁ ରାଜ୍ୟ ମୁଖ୍ୟାଳୟରେ ତା୦ ୨.୧୦.୨୦୨୬ରିଖ ଦିନ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳନ କରାଯାଇଥିଲା। ଉକ୍ତ ଦିବସରେ ୨୦୦ ଜଣ ସ୍କାଉଟ୍, ଗାଇଡ୍, ରୋଭର, ରେଂଜର ସହ ୟୁନିଟ୍ ଲିଡ଼ରମାନେ ଯୋଗଦାନ କରିଥିଲେ। ଗାନ୍ଧୀଜୀ ଏବଂ ଶାସ୍ତ୍ରୀଜୀଙ୍କର ଫଟୋଚିତ୍ରରେ ପୁଷ୍ପମାଲ୍ୟ ପ୍ରଦାନ ପୂର୍ବକ 'ରାମଧୂନ' ଗାନ କରାଯାଇଥିଲା। ଅଖିଳ ଭାରତୀୟ ସ୍ୱାଧୀନତା ସଂଗ୍ରାମୀ ଉତ୍ତର ଦାୟାଦ ସଂଗଠନର ସାଧରଣ ସଂପାଦକ ଶ୍ରୀ ବିଜୟ କୁମାର ତ୍ରିପାଠୀ, ସୋସିଆଲ ଆର୍ଟିଷ୍ଟ ଶ୍ରୀ ରାଜକିଶୋର ସାମଲ ସମ୍ମାନୀତ ଅତିଥି ଭାବରେ ଯୋଗ ଦେଇ ଗାନ୍ଧୀଜଙ୍କର ଆଦର୍ଶ ଜୀବନାବଳୀ ଉପରେ ଆଲୋକପାତ କରିଥିଲେ। ଛାତ୍ରଛାତ୍ରୀମାନଙ୍କ ମଧରେ ପରିବେଶ ସ୍ୱଚ୍ଛତା ଶୀର୍ଷକ ଚିତ୍ରାଙ୍କନ ଏବଂ ଗାନ୍ଧିଜୀଙ୍କ ଆଦର୍ଶ ଜୀବନୀ ସଂପର୍କରେ ବକ୍ତୃତା ପ୍ରତିଯୋଗିତା କରାଯାଇ କୃତି ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା।





ହାତଧୂଆ ଦିବସ ପାଳନ

ତା୧୫.୧୦.୨୦୨୬ରିଖ ଦିନ ରାଜ୍ୟ ସ୍କାଉଟ୍ ଗାଇଡ୍ ସଂସ୍ଥା ତରଫରୁ ରାଜ୍ୟ ମୁଖ୍ୟାଳୟରେ ହାତଧୂଆ ଦିବସ ପାଳନ କରାଯିବା ଅବସରରେ ୨୮୦ ଜଣ ସ୍କାଉଟ୍, ଗାଇଡ୍ ଏବଂ ସଂପୃକ୍ତ ୟୁନିଟ୍ ଲିଡ଼ର ଯୋଗ ଦେଇଥିଲେ। ରାଜ୍ୟ ସଂପାଦକ ଶ୍ରୀ ଶରତ ଚନ୍ଦ୍ର ପାଇକରାୟଙ୍କ ନେତୃତ୍ୱରେ ପରିଚାଳିତ ଦିବସରେ ରୋଟାରି କ୍ଲବ୍‌ର ସଭାପତି ଶ୍ରୀ ଅଭିଷେକ ମିତ୍ର, ଓଡ଼ିଶା ଅଭିଭାବକ ମହାସଂଘର ସଭାପତି ଶ୍ରୀ ବାସୁଦେବ ଭଟ୍ଟ, ସୋସିଆଲ୍ ଆକ୍ଟିଭିଷ୍ଟ ଶ୍ରୀ ତନ୍ମୟଜିତ ଘୋଷ ଏବଂ ବିଶ୍ୱଜିତ୍ ଘୋଷ ପ୍ରମୁଖ ସମ୍ମାନୀତ ଅତିଥିମାନେ ଯୋଗ ଦେଇଥିଲେ। ହାତଧୂଆ ପ୍ରଣାଳୀ ପ୍ରଦର୍ଶନ କରି ଛାତ୍ରଛାତ୍ରୀମାନଙ୍କୁ







ଅନୁକରଣ କରିବା ପାଇଁ ପ୍ରବର୍ତ୍ତାଇଥିଲେ। ସଠିକ୍ ହାତ ହାତ ଧୂଆ ପ୍ରଣାଳୀ ଏବଂ ଏହାର ଉପକାର ସଂପର୍କରେ ସବିଶେଷ ସୂଚନା ସହ, ନିଜ ପରିବାର ତଥା ପଡ଼ୋଶୀମାନଙ୍କୁ ପ୍ରବର୍ତ୍ତାଇବାକୁ ପରାମର୍ଶ ଦେଇଥିଲେ।

ରାଜ୍ୟପାଳଙ୍କୁ ସୌଜନ୍ୟ ମୂଳକ ସାକ୍ଷାତ





ତା୨୬।୧୦।୨୦୨୬ ଦିନ ଓଡିଶା ରାଜ୍ୟ ଭାରତ ସ୍କାଉଟସ୍ ଏବଂ ଗାଇଡସ୍‌ର ପ୍ରତିନିଧି ମଣ୍ଡଳୀ ଓଡିଶାର ନୂତନ ରାଜ୍ୟପାଳ ମାନ୍ୟବର ଶ୍ରୀଯୁକ୍ତ ବ୍ରଜ ମୋହନ ରାମଙ୍କ ସହିତ ସୌଜନ୍ୟ ମୂଳକ ସାକ୍ଷାତ କରିଥିଲେ । ରାଜ୍ୟ ସମ୍ପାଦକ ଶ୍ରୀ ଶରତ ଚନ୍ଦ୍ର ପାଇକରାୟଙ୍କ ନେତୃତ୍ୱରେ ଯୋଗଦେଇଥିବା ମଣ୍ଡଳୀ ଓଡିଶା ରାଜ୍ୟ ଭାରତ ସ୍କାଉଟସ୍ ଏବଂ ଗାଇଡସର ମୁଖ୍ୟ ପୃଷ୍ଠପୋଷକ ତଥା ମାନ୍ୟବର ରାଜ୍ୟପାଳଙ୍କୁ ରାଜ୍ୟ ସ୍କାଉଟିଂର ସଫଳତା ସହିତ ରାଜ୍ୟରେ ଅନୁଷ୍ଠିତ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଅବଗତ କରାଇଥିଲେ । ରାଜ୍ୟପାଳ ମହୋଦୟ କାର୍ଯ୍ୟକ୍ରମ ବିଷୟରେ ଜାଣି ଖୁସି ବ୍ୟକ୍ତ କରିବା ସହିତ ଏହି କାର୍ଯ୍ୟକ୍ରମ କିପରି ଅଧିକରୁ ଅଧିକ ହୋଇପାରିବ ସେଥିନିମନ୍ତେ ଉତ୍ସାହିତ କରିଥିଲେ ।

ବରିଷ୍ଠ ନାଗରିକ ତୀର୍ଥଯାତ୍ରା ସେବା ଶିବିର

ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶ କ୍ରମେ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ବରିଷ୍ଠ ନାଗରିକ ମାନେ ଭୁବନେଶ୍ୱରରୁ ବାରଣାସୀ-ଅଯୋଧ୍ୟା ତୀର୍ଥସ୍ଥାନ ଭ୍ରମଣ କରିବା ପାଇଁ ସ୍କାଉଟ୍ ଗାଇଡ୍ କ୍ୟାମ୍ପସ୍‌ରେ ତା୨୭.୧୦.୨୦୨୬ ଏବଂ ତା୨୮.୧୦.୨୦୨୬ ଦୁଇଦିନ ରହଣୀ ଶିବିର ଅନୁଷ୍ଠିତ ହୋଇଥିଲା। ରୋଭର ରେଂଜରମାନଙ୍କ ଦ୍ୱାରା ବରିଷ୍ଠ ତୀର୍ଥଯାତ୍ରୀମାନଙ୍କୁ ସ୍ୱାଗତ ଜଣାଇବା ସହ ରହିବା ବ୍ୟବସ୍ଥା ସ୍ଥଳରେ ପହଞ୍ଚାଇ ଦେଉଥିଲେ। ପରବର୍ତ୍ତୀ ସମୟରେ

ସହାୟକ ଭାବେ ସେମାନଙ୍କୁ ଭୋଜନାଳୟରେ କାର୍ଯ୍ୟ ଜାରି ରଖିଥିଲେ। ତୀର୍ଥଯାତ୍ରୀମାନଙ୍କୁ ରେଲୱେ ଷ୍ଟେସନ୍ ପର୍ଯ୍ୟନ୍ତ ସୁବିଧାରେ ପହଞ୍ଚାଇବାରେ ସାହାଯ୍ୟ କରିଥିଲେ। ମାନ୍ୟବର ଆଇନ୍ ଓ ଅବକାରୀ ମନ୍ତ୍ରୀ ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଉପସ୍ଥିତ ରହି ରୋଭର ରେଂଜରମାନଙ୍କର ସେବାକାର୍ଯ୍ୟ ପ୍ରଦର୍ଶନ କରି ବହୁ ପ୍ରଶଂସା କରିଥିଲେ।









ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ (District level Activities)

କଳାହାଣ୍ଡି





ଗ୍ରାମରେ ଯାଇଥିବା ଡ୍ରେନ୍ ଗୁଡ଼ିକୁ ବର୍ଷ ସାରା ଆବର୍ଜନା ଭର୍ତ୍ତି ହୋଇ ପଡ଼ିରହିଥିଲା, ଯାହାକି ଲୋକମାନେ ଦୁର୍ଗନ୍ଧରେ ଯାତାୟତ କରିବା ବଡ଼ କଷ୍ଟକର ହୋଇପଡୁଥିଲା। ଏହାକୁ ଦୃଷ୍ଟିରେ ରଖି ପଞ୍ଚାୟତ ସମିତି ହାଇସ୍କୁଲ, କର୍‌ଲାମୁଣ୍ଡାର ସ୍କାଉଟ୍ ଗାଇଡ୍ ମାନେ ସ୍କାଉଟ୍ ମାଷ୍ଟର ଶ୍ରୀ ପବିତ୍ର ମୋହନ ପାଶାଙ୍କ ନେତୃତ୍ୱରେ ଡ୍ରେନ୍ ଗୁଡ଼ିକୁ ସଫାକରି ପଥକୁ ସୁଗମ କରିଥିଲେ।

ଗଞ୍ଜାମ

ଚିକିଟିପେଣ୍ଟୋ ନୋଡ଼ାଲ ହାଇ ସ୍କୁଲର ସ୍କାଉଟ୍ ଗାଇଡ୍ ମାନେ ଆନ୍ତର୍ଜାତୀୟ କନ୍ୟା ଦିବସ ପାଳନ କରିଥିଲେ। କନ୍ୟା ସନ୍ତାନର ସୁରକ୍ଷା, ଶିକ୍ଷା ବୃଦ୍ଧି ହେଲେ ଦେଶ ସମୃଦ୍ଧି ହୋଇଥାଏ। ପ୍ରତ୍ୟେକ ପରିବାରେ କନ୍ୟାର ଉତ୍ତମ ଯତ୍ନ, ଶିକ୍ଷା, ସୁରକ୍ଷା ଆମ ସମାଜ ଦେଶର ମହାନତା ଆଣିଥାଏ। କନ୍ୟାର ଅଧିକାର ସୁରକ୍ଷା ଦେବା ପ୍ରତ୍ୟେକ ନାଗରିକର ମୌଳିକ କର୍ତ୍ତବ୍ୟ। ତେଣୁ ସ୍କାଉଟ୍ ଗାଇଡ୍ ମାନେ କନ୍ୟା ସନ୍ତାନର ଶିକ୍ଷା, ସୁରକ୍ଷା, ଅଧିକାର, ବିବାହ ସମ୍ବନ୍ଧୀୟ ପୋଷ୍ଟର ଧରି ଗ୍ରାମାଞ୍ଚଳରେ ଶୋଭାଯାତ୍ରା କରି ଜନସଚେତନତା ସୃଷ୍ଟି କରିଥିଲେ।



pratibimba
Issue - 42 | August 2024 | Monthly E-News





ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୨୫ ବର୍ଷର ଜନସେବା ଏବଂ ୭୬ତମ ଜନ୍ମଦିବସ ଅବସରରେ ସିଦ୍ଧଭୈରବୀ ବିଜ୍ଞାନ ମହାବିଦ୍ୟାଳୟ ପରିସରରେ 'ଏକ୍ ପେଡ୍ ମା' କେ ନାମ୍' ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ରୋଭର ରେଂଜର ୟୁନିଟ୍ ସମେତ ଛାତ୍ରଛାତ୍ରୀ, ଅଧ୍ୟକ୍ଷ ଏବଂ ପଞ୍ଚାୟତର କର୍ମଚାରୀ ମାନେ ଉତ୍ସାହର ସହ ଅଂଶ ଗ୍ରହଣ କରିଥିଲେ।

ଜଗତସିଂହପୁର



ଡ଼ିଏଭି ପବ୍ଲିକ୍ ସ୍କୁଲ, ପାରାଦୀପର ସ୍କାଉଟ୍ ଗାଇଡ୍ ମାନେ ଲୌହମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜନ୍ମ ଦିବସକୁ ସ୍ମରଣ କରାଇବା ନିମନ୍ତେ "ରାଷ୍ଟ୍ରୀୟ ଏକତା ଦିବସ" ଭାବରେ ପାଳନ କରିଥିଲେ। ସର୍ଦ୍ଦାର ପଟେଲଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ସ୍ମରଣ କରାଇଥିଲେ। ଭାରତ ଦେଶ ବିଭିନ୍ନ ଧର୍ମ, ଜାତି, ସଂପ୍ରଦାୟ, ଭାଷା ମଧ୍ୟରେ ବିଭିନ୍ନତା ଥିଲେ ମଧ୍ୟ ଅଖଣ୍ଡ ଭାରତକୁ ଏକ ଭାରତ ଶ୍ରେଷ୍ଠ ଭାରତ ଭାବରେ ଗଢ଼ି ତୋଳିବା ପାଇଁ ଆହ୍ୱାନ ଦେଇଥିଲେ ସ୍ୱାଧୀନତା ସଂଗ୍ରାମୀ ତଥା ଲୌହମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ୍।

ଢେଙ୍କାନାଳ



ଆଜିର ମନୁଷ୍ୟ ନିଜର ଆବଶ୍ୟକତା ପୂରଣ କରିବା ପାଇଁ ଯେତିକି ପରିମାଣରେ ଗଛ କାଟି ଚାଲିଛି, ସେହି ଅନୁପାତରେ ଗଛ ରୋପଣ କରାଯାଇପାରୁ ନାହିଁ। ଏହା ପ୍ରକୃତିକୁ ସଂପୂର୍ଣ୍ଣ ନଷ୍ଟ କରିଦେଉଛି। ତେଣୁ ଏକ ନୂତନ ପ୍ରଣାଳୀରେ ବୃକ୍ଷରୋପଣ କରିବା ପାଇଁ ରାମଚନ୍ଦ୍ରପୁର ଉପ୍ରା ସ୍କୁଲର କବ୍ ବୁଲବୁଲ୍ ମାନେ ପ୍ରୟାସ କରିଥିଲେ। ଗୋବରକୁ ଗୋଲ ଗୋଲ କରି ସେଥିରେ ଚାକୁଣ୍ଡା, ଲିମ୍ବ, ଆମ୍ବ, ମଞ୍ଜି

ଭର୍ତ୍ତି କରି ସେଗୁଡ଼ିକ ବିଭିନ୍ନ ସ୍ଥାନମାନଙ୍କରେ ରୋପଣ କରିଥିଲେ। ଏହାଦ୍ୱାରା ସେଗୁଡ଼ିକ ସୁନ୍ଦର ଭାବରେ ଗଛ ଉଠିଥାଏ।

ବଲାଙ୍ଗୀର



ବଲାଙ୍ଗୀର ଜିଲ୍ଲାର ସ୍କାଉଟ୍ ଗାଇଡ୍ ମାନେ ଜାତୀୟ କନ୍ୟା ଦିବସ ପାଳନ କରିଥିଲେ। କନ୍ୟାମାନଙ୍କର ସୁରକ୍ଷା, ଶିକ୍ଷାଦାନ ଏବଂ ସେମାନଙ୍କର ଅଧିକାର ପାଇବା ପ୍ରତ୍ୟେକ କନ୍ୟାମାନଙ୍କର ଜୀବନକୁ ଉନ୍ନତ କରିଥାଏ। ଛାତ୍ରଛାତ୍ରୀମାନେ କନ୍ୟା ସୁରକ୍ଷା ସମ୍ବନ୍ଧୀୟ ବିଭିନ୍ନ ପୋଷ୍ଟର ଧରି ଗ୍ରାମାଞ୍ଚଳ ଓ ସହରାଞ୍ଚଳ ପରିକ୍ରମା କରି ଜନସଚେତନ କରାଇଥିଲେ।

ବାଲେଶ୍ୱର





ସରସ୍ୱତୀ ବିଦ୍ୟାମନ୍ଦର, ରେମୁଣାର ସ୍କାଉଟ୍ ଗାଇଡ୍ ମାନେ ସମାଜସେବୀ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ପାଳନ କରିଥିଲେ। ଏହି ଅବସରରେ ସ୍କାଉଟ୍ ଗାଇଡ୍ ମାନେ ମନ୍ଦିର, ସ୍କୁଲ ଏବଂ ରାସ୍ତାଘାଟ ସଫାସୁତୁରା କରିବା ସଂଗେ ସଂଗେ ବୃକ୍ଷରୋପଣ କରିଥିଲେ। ଏହା ଦ୍ୱାରା ଗୋପବନ୍ଧୁ ଦାସଙ୍କ ଆଦର୍ଶ ଜୀବନ ଛାତ୍ରଛାତ୍ରୀମାନଙ୍କ ମନରେ ସେବା ମନୋଭାବ ଉଦ୍ରେକ କରିଥିଲା।

ଭୁବନେଶ୍ୱର



ଡିଏଭି ପବ୍ଲିକ୍ ସ୍କୁଲ୍‌ର ସ୍କାଉଟ୍ ଗାଇଡ୍ ଏବଂ ନାଗରିକ ସୁରକ୍ଷା ବିଭାଗ ତରଫରୁ "ଦାନ ସପ୍ତାହ" ପାଳନ ତା ୧ରୁ ତା୮.୧୦.୨୦୨୬ ରିଖ ପର୍ଯ୍ୟନ୍ତ କରିଥିଲେ। ଅତି ଆନନ୍ଦର ସହିତ ଶ୍ରୀମା ଆନନ୍ଦ ଆଶ୍ରମ ନିବାସୀ ପିଲାମାନଙ୍କୁ ଆବଶ୍ୟକୀୟ ଜିନିଷ ପ୍ରଦାନ କରିଥିଲେ। ପିଲାମାନଙ୍କୁ ପୋଷାକ, ସ୍ନାକ୍ସ, ବହି ଆଗ୍ରହର ସହିତ ପ୍ରଦାନ କରି ସେମାନଙ୍କ ମଧ୍ୟରେ ଭାବ ବିନିମୟ

ଆଦାନପ୍ରଦାନ କରିଥିଲେ। ଆଜିର ଯୁବପିଢ଼ିମାନେ ସହାନୁଭୂତି ଓ ସାମାଜିକ ଦାୟିତ୍ୱବୋଧ ଶିକ୍ଷାଲାଭ କରିଥାନ୍ତି।





ଡ୍ରିମ୍ ଇଣ୍ଡିଆ ସ୍କୁଲ, କଳିଙ୍ଗନଗରର ସ୍କାଉଟ୍ ଗାଇଡ୍ ମାନେ ଆନ୍ତର୍ଜାତୀୟ ବରିଷ୍ଠ ବ୍ୟକ୍ତି ଦିବସ (International Day for Old person) ତା୧.୧୦.୨୦୨୬ରିଖ ଦିନ ପାଳନ କରିଥିଲେ। ବୟସ୍କ ବ୍ୟକ୍ତିମାନଙ୍କର ଜୀବନ, ସ୍ୱାସ୍ଥ୍ୟ, ସାମାଜିକ ଓ ଆର୍ଥିକ ପରିସ୍ଥିତି ଏବଂ ମାନବାଧିକାର କିପରି ଅନୁଭୂତ ହୁଏ ତାହା ଉପରେ ଗୁରୁତ୍ୱ ଦିଏ। ଏକ ସୁଦୃଢ଼ ଓ ଅନ୍ତର୍ଭୁକ୍ତ ସମାଜ ଗଠନ ପାଇଁ ସୁସ୍ଥ ବାର୍ଦ୍ଧକ୍ୟ, ସକ୍ରିୟ ଜୀବନ ଶୈଳୀ ଏବଂ ବୟସ୍କ ବ୍ୟକ୍ତିଙ୍କ ଅଧିକାରକୁ ମୂଳଦୁଆ ଭାବରେ ଗ୍ରହଣ କରିବାର ଆବଶ୍ୟକତା ସମ୍ବନ୍ଧରେ ସ୍କାଉଟ୍ ଗାଇଡ୍ ମାନଙ୍କୁ ସୂଚନା ଦିଆଯାଇଥିଲା।

ଡିଏଭି ପବ୍ଲିକ୍ ସ୍କୁଲ କଳିଙ୍ଗନଗରର ସ୍କାଉଟ୍ ଗାଇଡ୍ ମାନେ ଲୌହମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜନ୍ମଦିବସକୁ ପାଳନ କରିଥିଲେ। ସର୍ଦ୍ଦାର ପଟେଲଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ପ୍ରଦାନ କରିଥିଲେ। ସର୍ଦ୍ଦାର ପଟେଲଙ୍କ ଭାରତର ଅଖଣ୍ଡତାକୁ ବଜାୟ ରଖିବା ସ୍ୱପ୍ନକୁ ସାକରା କରିବା ପାଇଁ 'ଏକ ଭାରତ ମହାନ ଭାରତ' ସ୍ଲୋଗାନ ଦେଇ ଏକ ଶୋଭାଯାତ୍ରା କରିଥିଲେ।





pratibimba
Issue - 42 | August 2024 | Monthly E-News

ସୁନ୍ଦରଗଡ଼





ନିଶା ସେବନ ଦ୍ୱାରା ସମାଜରେ ଅନେକ ଅପ୍ରୀତିକର କାର୍ଯ୍ୟ ଘଟୁଛି ଧନ, ଜୀବନ ନଷ୍ଟ ହେଉଛି। ନିଶା ସେବନ ଠାରୁ ଲୋକଙ୍କୁ ଦୂରେଇ ରଖିବା ପାଇଁ ସୁନ୍ଦରଗଡ଼ ଜିଲ୍ଲା ସରକାରୀ ଉଚ୍ଚବିଦ୍ୟାଳୟ ଉଜଳପୁରର ସ୍କାଉଟ୍ ଗାଇଡ୍ ମାନେ ନିଶା ନିବାରଣ ସଚେତନତା ରାଲି କରିଥିଲେ। ଏତଦ୍ ବ୍ୟତୀତ ମାର୍କେଟ୍ କମ୍ପ୍ଲକ୍ସ ଗୁଡ଼ିକୁ ସଫାସୁତୁର କରିଥିଲେ।



ଉଜଳପୁର ସରକାରୀ ଉଚ୍ଚ ବିଦ୍ୟାଳୟ ଏବଂ ହରିହର ଉଚ୍ଚ ବିଦ୍ୟାଳୟ କଉରମୁଣ୍ଡାର ସ୍କାଉଟ୍ ଗାଇଡ୍ ମାନେ ଆନ୍ତର୍ଜାତୀୟ କନ୍ୟା ଦିବସ ପାଳନ କରିଥିଲେ। ବ୍ୟାନର ଧରି ଶୋଭାଯାତ୍ରା କରି କନ୍ୟା ସନ୍ତାନର ସୁରକ୍ଷା, ତା'ର ଅଧିକାର, ସ୍ୱାସ୍ଥ୍ୟ ଏବଂ ଶିକ୍ଷାର ବିକାଶ ପାଇଁ ଜନସଚେତନତା ସୃଷ୍ଟି କରିଥିଲେ। କନ୍ୟା ସନ୍ତାନ ଦ୍ୱାରା କିପରି ଭାବରେ ସମାଜ ଏବଂ ପରିବାରର ମଙ୍ଗଳ ସାଧନ ହୁଏ ତାହା ଲୋକମାନଙ୍କୁ ବୁଝାଇଥିଲେ।



ଗାନ୍ଧୀ ଜୟନ୍ତୀ ଏବଂ ଶାସ୍ତ୍ରୀ ଜୟନ୍ତୀ ପାଳନ

ଓଡ଼ିଶା ରାଜ୍ୟ ଭାରତ ସ୍କାଉଟସ୍ ଓ ଗାଇଡ୍‌ସ୍ ସଂସ୍ଥା ତରଫରୁ ବିଭିନ୍ନ ଜିଲ୍ଲାରେ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ମହାସମାରୋହରେ ପାଳନ କରାଯାଇଥିଲା। ଏହି ଅବସରରେ ପରିବେଶ ସ୍ୱଚ୍ଛତା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ସ୍କୁଲ, କଲେଜ, ମନ୍ଦିର, ଇତ୍ୟାଦି ସ୍ଥାନମାନଙ୍କରେ ସ୍କାଉଟ୍ ଗାଇଡ୍‌ମାନେ ସଫାସୁତୁରା କରିଥିଲେ। ବିଭିନ୍ନ ଜିଲ୍ଲାରେ ଏକ ସାମୂହିକ ବୃକ୍ଷରୋପଣ ଅଭିଯାନ କରାଯାଇଥିଲା ଏବଂ ସ୍କୁଲ, କଲେଜ କ୍ୟାମ୍ପସ୍ ଏବଂ ନିକଟବର୍ତ୍ତୀ ଅଂଚଳରେ ବୃକ୍ଷରୋପଣ କରିଥିଲେ। ଚିତ୍ରାଙ୍କନ ପ୍ରତିଯୋଗିତା, ବକ୍ତୃତା ଇତ୍ୟାଦି କରାଯାଇଥିଲା, ଯାହାକି ପିଲାମାନଙ୍କର ଗାନ୍ଧୀଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାପାଇଁ ପ୍ରେରଣା ଯୋଗାଇଥିଲା।

BHUBANESWAR



DAV Public School, Kalinganagar



Dream India School, Kalinganagar



Loyola School



Times Scholar's Gurukul



KISS



St. Joseph's High School, Unit-3

ଗାନ୍ଧୀ ଜୟନ୍ତୀ ଏବଂ ଶାସ୍ତ୍ରୀ ଜୟନ୍ତୀ ପାଳନ



BJEM School

BHUBANESWAR



SSVM, Dharmavihar



DAV Public School, MCL, Talcher, Anugola



DAV Pub. School, PPL, Paradeep, JSpur



Mathakaragola College, Dhenkanal



K.V. College, Balangir



Gopabandhu Sc. College, Athagarh

KATAKA



Shri Shri University

ଗାନ୍ଧୀ ଜୟନ୍ତୀ ଏବଂ ଶାସ୍ତ୍ରୀ ଜୟନ୍ତୀ ପାଳନ

GANJAM



PCM Women's HSS, Surada



Khalingi High School



SB Hr. Sec. School, Konisi



Baji Rout Siksha Niketan, ROURKELA



Gyanajyoti Public School, ROURKELA



Harihar Govt. H.S. Kuarmunda, SUNDARGAD



R.B. Panchayat Samiti High School, Karlamunda,KALAHANDI



Begunia College, KHORDHA



Kaluapada Ghat High School, KHORDHA

ହାତଧୂଆ ଦିବସ ପାଳନ

ସଠିକ୍ ଭାବରେ ହାତ ଧୋଇ ନ ହୋଇ ହାତ ଓ ନଖ ମଧ୍ୟରେ ଲାଗିଥିବା ମଇଳା ସହିତ ଖାଦ୍ୟ ଗ୍ରହଣ କରିବା ଫଳରେ ଶରୀରରେ ରୋଗ ସୃଷ୍ଟି ହୋଇଥାଏ। ସେହି ଦୃଷ୍ଟିରୁ ଭାରତ ସ୍କାଉଟ୍ ଗାଇଡ୍ ସଂସ୍ଥା ତରଫରୁ ବିଭିନ୍ନ ଜିଲ୍ଲାମାନଙ୍କରେ ବିଶ୍ୱ ହାତ ଧୂଆ ଦିବସ ପାଳନ କରାଯାଇଥିଲା। ଗୀତ ଓ ନୃତ୍ୟ ମାଧ୍ୟମରେ ସାବୁନ୍ ଏବଂ ପରିଷ୍କାର ଜଳରେ ହାତ ଧୋଇବା ସଠିକ୍ ପ୍ରଣାଳୀ ପ୍ରଦର୍ଶନ କରି ପିଲାମାନେ ଅନୁକରଣ ପୂର୍ବକ ଅଭ୍ୟାସ କରିଥିଲେ। ଏହି ବାର୍ତ୍ତାକୁ ଆଧାର କରି ବିଶ୍ୱ ହାତ ଧୂଆ ଦିବସ ଆମକୁ ସ୍ୱଚ୍ଛତା ପ୍ରତି ସଚେତନ ହେବା ଓ ଦୈନନ୍ଦିନ ଜୀବନରେ ସଠିକ୍ ଭାବରେ ହାତ ଧୋଇବାର ଅଭ୍ୟାସ କରିବା ପାଇଁ ପ୍ରେରଣା ଯୋଗାଇଥିଲା।

GANJAM





Chikiti Pentha High School



ND High School, Purusottampur



Saraswati Sishu Vidyamandir, KS Nagar





Sidha Bhairabi HSS, Konisi

ହସ୍ତ ପ୍ରକ୍ଷାଳନ ଦିବସ





KB College Barang, KHORDHA



Ujalpur High School, SUNDARGADA



SUNDARGADA Public School





DAV Pub. School, PPL Paradeep, JAGATSINGHPUR





Govt. Girls High School, Tosara, BALANGIR

ଆନ୍ତର୍ଜାତୀୟ ଶାନ୍ତି ଦିବସ

ଓଡ଼ିଶା ରାଜ୍ୟ ଭାରତ ସ୍କାଉଟସ୍ ଓ ଗାଇଡ୍‌ସ୍ ସଂସ୍ଥା ତରଫରୁ ବିଭିନ୍ନ ଜିଲ୍ଲାରେ ଆନ୍ତର୍ଜାତୀୟ ଶାନ୍ତିଦିବସ ମହାସମାରୋହରେ ପାଳନ କରାଯାଇଥିଲା। ସ୍କାଉଟ୍ ଗାଇଡ୍ ରୋଭର ରେଂଜରମାନେ 'ଶାନ୍ତି'ର ପ୍ଲାକାର୍ଡ଼ ଧରି ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳରେ ଶାନ୍ତି ଶୋଭାଯାତ୍ରା କରିବା ସଂଗେ ସଂଗେ ଶାନ୍ତି ରକ୍ଷା କରିବା ପାଇଁ ଶପଥପାଠ କରିଥିଲେ। ବଜାର ଗୁଡ଼ିକୁ ଯାଇ ପଲିଥି ବ୍ୟାଗ୍ ଦ୍ୱାରା ଜିନିଷ ବିକ୍ରିକରୁଥିବା ଦୋକାନୀମାନଙ୍କୁ କପଡ଼ା ବ୍ୟାଗ୍ କିମ୍ବା କାଗଜ ମୁଣାରେ ଭରି କରି ଜିନିଷ ଦେବାକୁ ବୁଝାଇଥିଲେ। ପଲିଥିନ୍ ବ୍ୟାଗ ବ୍ୟବହାରର କ୍ଷତିକାରକ ପ୍ରଭାବ ଉପରେ ସଚେତନ କରାଇ ବ୍ୟବହାର ନକରିବା ପାଇଁ ପ୍ରବର୍ତ୍ତାଇ ଥିଲେ। ଏତଦ୍ ବ୍ୟତୀତ ସ୍କୁଲ ଓ କଲେଜ ପ୍ରାଙ୍ଗଣରେ ବୃକ୍ଷରୋପଣ, ସଫାସୁତୁରା କାର୍ଯ୍ୟକ୍ରମ ମଧ୍ୟ କରାଯାଇଥିଲା।



Govt. High School Sialkhandhatha : BARGADA



BJEM_II-Satyabhamapur-BHUBANESWAR



Kaling Vidyamandir Berhampur, GANJAM



S.B. Hr. Sec. School, GANJAM





St Xavier High School, Berhampur, GANJAM

ଆନ୍ତର୍ଜାତୀୟ ଶାନ୍ତି ଦିବସ



K.B. College, Barang, KHORDHA



Mahatab High School Champua, KENDUJHAR





Govt. Hr. Sec. School, Lubahal, SUNDARGARH



Gopabandhu HS, Rajgangpur, SUNDARGARH



DAV Pub. School, PPL Paradeep, JAGATSINGHPUR

Regd. as Newspaper RNI-ORIBIL/2009/27114 Postal Regd. No.-BN/143/24-26
Date of Publication: 20.10.2026
Copies-4000

PRINTED BOOK



If undelivered please return to

ODISHA STATE BHARAT SCOUTS & GUIDES
Plot No.-IX C/8, Unit-III, Bhubaneswar-751022
Tel : 0674-2394435, 2390439, E-mail-osbsg1937@gmail.com
Web : odishascouts.org, Facebook : Bharat Scout Odisha

To

_____

_____

_____

Printer & Publisher : Sri Mihir Ranjan Pattanaik, Jt. State Secy., on behalf of the Odisha State Bharat Scouts and Guides & Printed at Pioneer Press, Bhubaneswar, District- Khordha & Published at Plot No.-IX-C/8, Unit-3, Bhubaneswar, District-Khordha (Odisha), Editor- Sri Bhabani Prasad Mishra